# NATIONAL NEWS BULLETIN (ODIA)

**28 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଦେଶ ଅଗ୍ରସର ହେଉଛି, କହିଲେ ରାଷ୍ଟ୍ରପତି । ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ଗୃହକୁ କଲେ ସମ୍ବୋଧନ

- ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ

–ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ମହଲରେ ଶୋକ

- ଭାରତ-ୟୁରୋପିଅନ୍ ସଂଘ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟିକ ଚୁକ୍ତି ସମ୍ବନ୍ଧିତ ଖବର ବିଶ୍ୱ ଗଣମାଧ୍ୟମରେ ପ୍ରଶଂସିତ

ଏବଂ

- ବିଶାଖାପଟନମ୍‌ରେ ଆଜି ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ଚତୁର୍ଥ ଟି-୨୦ କ୍ରିକେଟ୍ ମ୍ୟାଚ୍

---

## ପ୍ରେଜ୍-ପାର୍ଲାମେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସରକାରଙ୍କ ଦୃଢ଼ ନୀତି ଓ ପଦକ୍ଷେପ ଯୋଗୁଁ ଦେଶର କୃଷି ଉତ୍ପାଦନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହେଉଛି । ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ଆଜି ବଜେଟ୍ ଅଧିବେଶନର

ପ୍ରଥମ ଦିନରେ ନିଜର ସମ୍ବୋଧନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଖାଦ୍ୟଶସ୍ୟ ଓ ଉଦ୍ୟାନ କୃଷି କ୍ଷେତ୍ରରେ ଦେଶରେ ରେକର୍ଡ ପରିମାଣର ଉତ୍ପାଦନ ଲକ୍ଷ୍ୟ ହାସଲ ହୋଇଛି। ଅନ୍ୟାନ୍ୟ କୃଷି ଉତ୍ପାଦଗୁଡ଼ିକର ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ସରକାର କାର୍ଯ୍ୟ କରୁଥିବା ରାଷ୍ଟ୍ରପତି କହିଛନ୍ତି। ଖାଇବା ତେଲ ଓ ଡାଲିଜାତୀୟ ଶସ୍ୟର ଆମଦାନୀ ହ୍ରାସ କରିବା ପାଇଁ ସରକାର ଜାତୀୟ ମିଶନ ଗଠନ କରିଛନ୍ତି ।

କୃଷିକ୍ଷେତ୍ରରେ ସରକାର ଆତ୍ମନିର୍ଭରଶୀଳ ହେବା ପାଇଁ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି । **V/O** ଚଳିତ ଦଶନ୍ଧିର ଶେଷସୁଦ୍ଧା ଭାରତ ୫୦୦ ଗିଗାୱାଟ ନବୀକରଣୀୟ ଶକ୍ତି ଉତ୍ପାଦନ ଲକ୍ଷ୍ୟକୁ ଦେଶ ହାସଲ କରିବ ବୋଲି ରାଷ୍ଟ୍ରପତି ଦୃଢ଼ ଆଶା ପୋଷଣ କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ସରକାର ଦେଶର ଉତ୍ତର-ପୂର୍ବାଞ୍ଚଳରେ ୭୦ ହଜାର ୨୦୦ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରିଛନ୍ତି । ଏହା ଦ୍ୱାରା ସୀମାନ୍ତ ଓ ପାହାଡ଼ିଆ ଅଞ୍ଚଳକୁ ଯାତାୟାତ ସୁଗମ ହୋଇପାରିଛି । ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିକଶିତ ଭାରତ ଜିରାମଜି ଆଇନ ପ୍ରଣୟନ କରିଛନ୍ତି । ଏହି ନୂତନ ଆଇନ ଗ୍ରାମାଞ୍ଚ୍ଳ ଲୋକମାନଙ୍କ ପାଇଁ ୧୨୫ ଦିନର କର୍ମଦିବସ ସୁନିଶ୍ଚିତ କରିବ।

**V/O**

ଏହି ଯୋଜନା ଚାଷୀ, ଧୀବର ଓ ଗୋପାଳକମାନଙ୍କ ପାଇଁ ଉପଯୋଗୀ ହେବ । ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହିତ ଦୁର୍ନୀତିକୁ ରୋକିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଗତ ୧୦-୧୧ ବର୍ଷ ଧରି ସରକାର ବିଭିନ୍ନ କ୍ଷେତ୍ରରେ ମୂଳଦୁଆକୁ ଦୃଢ଼ କରିଛନ୍ତି । ୨୦୨୬ ବର୍ଷରେ ବିକଶିତ

ଭାରତ ଲକ୍ଷ୍ୟ ହାସଲ ପାଇଁ ଦେଶ ଆଗକୁ ବଢ଼ିବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି ।

**V/O**

# ସିଏମ୍ ଅଜିତ୍ ପାୱାର- ଡେଥ୍

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ଆଜି ପୁଣେ ଜିଲ୍ଲାର ବାରାମତୀ ବିମାନ ବନ୍ଦର ନିକଟରେ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ ଅଜିତ ପାୱାରଙ୍କ ସମେତ ବିମାନରେ ଥିବା ୨ ଜଣ ସୁରକ୍ଷାକର୍ମୀ ଓ ୨ ଜଣ ପାଇଲଟଙ୍କର ମୃତ୍ୟୁ ଘଟିଛି । ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ନିର୍ବାଚନ ପରିପ୍ରେକ୍ଷୀରେ ବାରାମତୀରେ ଏକ ଜନସଭାରେ ଉଦ୍‌ବୋଧନ ଦେବା ପାଇଁ ଶ୍ରୀ ପାୱାର ମୁମ୍ବାଇରୁ ବାରାମତୀ ଅଭିମୁଖେ ଯାଇଥିଲେ । ବାରାମତୀ ବିମାନ ବନ୍ଦରରେ ବିମାନଟି ଅବତରଣ କରୁଥିଲାବେଳେ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ବିମାନଟିର ବ୍ୟାପକ କ୍ଷତି ହୋଇଥିବା ଏସ୍.ପି. ସନ୍ଦୀପ ସିଂ ଗିଲ୍ ସୂଚନା ଦେଇଛନ୍ତି । ଦୁର୍ଘଟଣାସ୍ଥଳରୁ ମୃତ ଶରୀର ଗୁଡ଼ିକୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା । ବିମାନ ଦୁର୍ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି । ଶ୍ରୀ ପାୱାରଙ୍କ ମୃତ୍ୟୁରେ ମହାରାଷ୍ଟ୍ରରେଆଜିଠାରୁ ତିନିଦିନ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି ।

# କଣ୍ଡୋଲେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସେବାର ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ

ରାଜନାଥ ସିଂ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଶ୍ରୀ ପାୱାରଙ୍କ ଅକାଳ ବିୟୋଗ ଏକ ଅପୂରଣୀୟ କ୍ଷତି । ମହାରାଷ୍ଟ୍ରର ବିକାଶ ବିଶେଷକରି ସମବାୟ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଭୂମିକା ପାଇଁ ଶ୍ରୀ ପାୱାର ସ୍ମରଣୀୟ ହୋଇ ରହିବେ ବୋଲି ରାଷ୍ଟ୍ରପତି କହିଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ମହାରାଷ୍ଟ୍ରର ଲୋକମାନଙ୍କ ସେବାରେ ସର୍ବଦା ଆଗରେ ରହୁଥିବା କଠିନ ପରିଶ୍ରମୀ ଶ୍ରୀ ପାୱାର ଅତ୍ୟନ୍ତ ସମ୍ମାନସ୍ପଦ ଥିଲେ । ଉପେକ୍ଷିତ ଜନତା ଏବଂ ଗରିବ ମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ  ତାଙ୍କର ଆଗ୍ରହ ଓ ପ୍ରଶାସନିକ ଜ୍ଞାନ ତାଙ୍କୁ ଲୋକଙ୍କ ନେତା ଭାବେ ଆଦୃତ କରିଥିଲା ।

ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି, ମହାରାଷ୍ଟ୍ରର ବିକାଶ ବିଶେଷକରି ସମବାୟ ଜରିଆରେ ଲୋକମାନଙ୍କର କଲ୍ୟାଣ ପାଇଁ ତାଙ୍କର ଭୂମିକା ଲାଗି ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ ।

ଶ୍ରୀ ପାୱାରଙ୍କ ବିୟୋଗ  ଏନ୍‌ଡିଏ ପରିବାର ଓ ତାଙ୍କ  ନିଜର ବ୍ୟକ୍ତିଗତ କ୍ଷତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ମହାରାଷ୍ଟ୍ରର ବିକାଶ ଓ ସମୃଦ୍ଧି ପାଇଁ ଶ୍ରୀ ପାୱାରଙ୍କର ପ୍ରତିବଦ୍ଧତା ସ୍ମରଣୀୟ ହୋଇ ରହିବ ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶ୍ରୀ ପାୱାରଙ୍କ ପରିବାର ଓ ସମର୍ଥକଙ୍କ ପ୍ରତି ସମବେଦନା ଜଣାଇ ଏହି ଦୁଃଖଦ ଘଟଣା ପାଇଁ ନିଜର ଶୋକବ୍ୟକ୍ତ କରିଛନ୍ତି ।

ଅଜିତ ପାୱାରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ମହାରାଷ୍ଟ୍ର ଏବଂ ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ,ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍, ମହାରାଷ୍ଟ୍ରର ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଓ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

---

## ଇଣ୍ଡିଆ-ଇୟୁ-ଏଫ୍‌ଟିଏ ମିଡ଼ିଆ

ଭାରତ ଓ ୟୁରୋପିଆନ୍ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟିକ ରାଜିନାମା- ଏଫ୍‌ଟିଏ ଘୋଷଣା ସଂପର୍କିତ ଖବର ବିଶ୍ୱର ବିଭିନ୍ନ ଗଣମାଧ୍ୟମରେ ପ୍ରମୁଖତା ଓ ବ୍ୟାପକତାର ସହ ପ୍ରକାଶ ପାଇଛି । ଗଣମାଧ୍ୟମଗୁଡ଼ିକ ଏହାକୁ ଐତିହାସିକ ଓ ସମସ୍ତ ବାଣିଜ୍ୟିକ ଚୁକ୍ତି ମଧ୍ୟରେ ଶ୍ରେଷ୍ଠ ବୁଝାମଣା ବୋଲି ଅଭିହିତ କରିଛନ୍ତି । ଗତ କିଛିବର୍ଷ ମଧରେ ବିଶ୍ୱ ବାଣିଜ୍ୟିକ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୁର୍ଣ୍ଣ ବୁଝାମଣା ବୋଲି କୁହାଯାଉଛି । ବିବିସି, ଫାଇନାନ୍‌ସିଆଲ ଟାଇମସ୍, ୟୁରୋ ନିଉଜ୍, ଡିୟୁ, ଫ୍ରାନ୍ସ-୨୪ ଆଦି ବ୍ରିଟିଶ ଓ ୟୁରୋପୀୟ ସମ୍ବାଦ ପ୍ରତିଷ୍ଠାନ ପକ୍ଷରୁ ଏହି ବୁଝାମଣାକୁ ଭାରତ ଓ ୟୁରୋପୀୟ ମହାସଂଘ ମଧ୍ୟରେ ସବୁଠାରୁ ବଡ଼ ବୁଝାମଣା ବୋଲି କୁହାଯାଇଛି । ଏହି ଚୁକ୍ତିକୁ ଐତିହାସିକ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହା ଦ୍ୱାରା ଦେଶର କୃଷକ, ଛୋଟ ବ୍ୟବସାୟୀମାନଙ୍କୁ ସେମାନଙ୍କର ଉତ୍ପାଦ ୟୁରୋପରେ ପହଞ୍ଚାଇବା ପାଇଁ ସହଜ ହେବ । **V/O (PM)**

## ୟୁଏସ୍ ଆମ୍ବାସଡର

ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗର୍ଗ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂଙ୍କ ସହିତ ଆଜି ତାଙ୍କର ସାକ୍ଷାତକାର ପରେ କହିଛନ୍ତି, ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗିତା ଦୃଢ଼ ରହିଛି । ଗତବର୍ଷ ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ୧୦ବର୍ଷିଆ ପ୍ରତିରକ୍ଷା ଚୁକ୍ତି ଏହି ସଂପର୍କକୁ ଆହୁରି ଦୃଢ଼ କରିଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଗର୍ଗ କହିଛନ୍ତି, ସୁରକ୍ଷା, ବାଣିଜ୍ୟ ଓ ନୂତନ ଜ୍ଞାନକୌଶଳ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କ ଦୃଢ଼ କରିବାକୁ ଦୁଇଦେଶ ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

---

## ପିଏମ୍ ଶାହା– ଭଗତ ସିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଞ୍ଜାବ କେଶରୀ ଲାଲା ଲାଜପତ ରାୟଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ' ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲାଜପତ ରାୟଙ୍କ ସ୍ମୃତିଚାରଣ କରି କହିଛନ୍ତି, ତାଙ୍କର ତ୍ୟାଗ ଓ ଅବଦାନ ପାଇଁ ଦେଶବାସୀ ତାଙ୍କୁ ସବୁଦିନ ମନେରଖିବେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସ୍ୱର୍ଗତ ଲାଲା ଲାଜପତ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଭଗତ ସିଂଙ୍କ ପରି ସଶସ୍ତ୍ର ସଂଗ୍ରାମ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ସ୍ୱର୍ଗତ ରାୟ ସବୁବେଳେ ସ୍ମରଣୀୟ ହୋଇ ରହିବେ ।

---

## ମଷ୍ଟଆନାଉନ୍ସମେଣ୍ଟ

ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ବିଶେଷ ଆଲୋଚନା କାର୍ଯ୍ୟକ୍ରମ **ଇସୁଜ୍ ବିଫୋର୍ ପାର୍ଲାମେଣ୍ଟ ଏବଂ ସଂସଦ୍ କେ ସମ୍ମୁଖ ମୁଦେ** ପ୍ରସାରଣ କରାଯିବ । ଏଫ୍ଏମ୍ ରେନ୍ବୋ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ରାତି ସାଢ଼େ ୯ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରଚାରିତ ହେବ । **NEWS ON AIR DOT GOV DOT IN** ୱେବ୍ସାଇଟ୍ ଏବଂ **NEWS ON AIR OFFICIAL YOUTUBE** ଚ୍ୟାନେଲ୍ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

---

## କ୍ରିକେଟ୍

ବିଶାଖାପଟନମ୍ର ଏସିଏ-ଭିଡିସିଏ ଷ୍ଟାଡିୟମ୍ଠାରେ ଆଜି ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ । ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ଟିଯାକ ମ୍ୟାଚ୍ରେ ଭାରତ ଏକତରଫା ଭାବେ ବିଜୟ ହାସଲ କରିଛି । ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ରେ ଭାରତ ୩-୦ରେ ଆଗୁଆ ରହିଛି ।

---